# ନବୀନଙ୍କ ମଦ ନିଗମ ପ୍ରୀତି

୧୧/୦୨/୨୦୦୧

ନବୀନବାବୁଙ୍କ ନିରବତା ସମ୍ପର୍କରେ ଅତୀତରେ ଦୃଷ୍ଟି ଆକର୍ଷଣ କରିଥିଲୁ । ଅଧିକାଂଶ ମୌଳିକ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ନବୀନବାବୁଙ୍କର ବା ତାଙ୍କ ସହଯୋଗୀମାନଙ୍କର ନିର୍ଦ୍ଦିଷ୍ଟ ମତ ଥିଲାପରି ମନେ ହେଉନାହିଁ ବୋଲି ଅଭିଯୋଗ କରିଥିଲୁ । ଗଣମାଧ୍ୟମ ହିସାବରେ ଆମକୁ ନବୀନ ସରକାରଙ୍କର 'ଏ ଆଚରଣ ଅତ୍ୟନ୍ତ ବ୍ୟଥିତ କରୁଛି । ସେ ନିଜକୁ କ'ଣ ଭାବୁଛନ୍ତି କେଜାଣି, ନିଜ ପକ୍ଷକୁ ସମର୍ଥନ କଲାଭଳି କୌଣସି ପଦକ୍ଷେପ ନେବାପାଇଁ ଆବଶ୍ୟକ ମନେ କରୁନାହାନ୍ତି । ଗଣମାଧ୍ୟମର ଦାୟିତ୍ୱ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସେତୁବନ୍ଧ ସାଜି ସମ୍ପର୍କ ସ୍ଥାପନ କରିବା । ଅନେକ ସମୟରେ ଆମର କାହିଁକି ସନ୍ଦେହ ହେଉଛି, ଆମେ ଆଣୁଥିବା ଅଭିଯୋଗଗୁଡ଼ିକ ଓଡ଼ିଆ ପଢ଼ିଲେଖି ଜାଣି ନ ଥିବାରୁ ତାଙ୍କ ଦୃଷ୍ଟିକୁ ଆସିପାରୁନାହିଁ । ସେ ଦୃଷ୍ଟିରୁ ଆଜି ଗୋଟିଏ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଯାଇ କେବଳ ତାଙ୍କପାଇଁ ଦୁଇପଦ ଇଂରାଜୀରେ ଲେଖିବାକୁ ବାଧ୍ୟ ହେଉଛୁ ।

'Mr. Chief Minister, We don't know whether you buy your own drinks. Please buy a bottle of IMFL Whisky tomorrow and you would realise what sort of a scam you are in.' *'ମାନ୍ୟବର ମୁଖ୍ୟମନ୍ତ୍ରୀ, ଆପଣ ମଦ୍ୟପାନ କରନ୍ତି କି ନାହିଁ ମୁଁ ଜାଣେନାହିଁ । ଯଦି କରୁଥାନ୍ତି, ନିଜେ କିଣି ପିଅନ୍ତି କି ନାହିଁ ଆମେ ଜାଣୁନା । ଦୟାକରି 'ଆସନ୍ତା କାଲି ଭୁବନେଶ୍ୱର ବଜାରରୁ ବିଦେଶୀ ହ୍ୱିସ୍କି ବୋତଲଟିଏ କିଣନ୍ତୁ । ନିଶ୍ଚୟ ଜାଣିପାରିବେ ଆପଣ କି ପ୍ରକାର ଦୁର୍ନୀତିରେ ଜଡ଼ିତ ହୋଇଯାଇଛନ୍ତି ।'*

ଏଭଳି ଏକ ଅପ୍ରତ୍ୟାଶିତ ପ୍ରସ୍ତାବ ଦେବା ପଛରେ ଆମର କୌଣସି ମନ୍ଦ ଉଦ୍ଦେଶ୍ୟ ନାହିଁ । ଓଡ଼ିଶା ସରକାରଙ୍କର ନବ ଗଠିତ ମଦ ନିଗମ ସମ୍ପର୍କରେ ଯେଉଁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି ଏବଂ ନିଗମର ଅଧ୍ୟକ୍ଷଙ୍କର ବିଭିନ୍ନ ବକ୍ତବ୍ୟ ଏବଂ ଆଚରଣ ଏ ସମ୍ପର୍କରେ ସନ୍ଦେହକୁ ଯେଭଳି ଘନୀଭୂତ କରିଛି, ସେଥିପାଇଁ ଏ ପ୍ରକାର ପ୍ରସ୍ତାବ ଦେବାପାଇଁ ଆମେ ବାଧ୍ୟ ହେଉଛୁ । ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ଆମର ତଥ୍ୟ ଏବଂ ଉପସ୍ଥାପନାକୁ ଅନୁସନ୍ଧାନ କରି ଉତ୍ତର ଦେଲେ ତାଙ୍କର ତଥାକଥିତ ନିଷ୍କଳଙ୍କ ଭାବମୂର୍ତ୍ତିକୁ ଅକ୍ଷୁଣ୍ଣ ରଖିପାରିବେ । ତାହା ନ ହେଲେ ଅନ୍ୟ ପ୍ରସଙ୍ଗଗୁଡ଼ିକ ପରି ଯଦି ପୁଣି ସେ ସୁବିଧାବାଦୀ ନିରବତାର ଆଶ୍ରୟ ନିଅନ୍ତି, 'ମୌନଂ ସମ୍ମତିଃ ଲକ୍ଷଣମ୍' ନ୍ୟାୟରେ କଳଙ୍କିତ ହୋଇଯିବେ ।

ମଦ ନିଗମ ସମ୍ପର୍କରେ ଯୁକ୍ତି ବାଢ଼ିବାକୁ ଯାଇ ଏହାର ପାରିବାର ଅଧ୍ୟକ୍ଷ ବିଭିନ୍ନ କଥା କହୁଛନ୍ତି । ମୁନାଫାଖୋର ଚୋରା ମଦ ବେପାରୀଙ୍କୁ ଠିକଣା ଜବାବ ଦେବା ସହିତ ସରକାରଙ୍କର ସମ୍ବଳ ବୃଦ୍ଧି କରିବା ନିଗମର ଲକ୍ଷ୍ୟ ବୋଲି ସେ ଡିଣ୍ଡିମ ପିଟୁଛନ୍ତି । ମଦ୍ୟପାନ କରୁଥିବା ବ୍ୟକ୍ତିମାନଙ୍କୁ ସୁଲଭ ମୂଲ୍ୟରେ ଖାଣ୍ଟି ବିଦେଶୀ ମଦ ଯୋଗେଇଦେବେ ବୋଲି ଆଶ୍ୱାସନ କରୁଛନ୍ତି । ମଦ ନିଗମର ଅଧ୍ୟକ୍ଷ ଜଣେ ମେଧାବୀ ଛାତ୍ର ଥିଲେ । ଆଇ.ଏ.ଏସ୍. ପରୀକ୍ଷାରେ କାଳେ ପ୍ରଥମ ହୋଇଥିଲେ । ଅତୀତରେ ଜିଲ୍ଲାପାଳ ଏବଂ ଅବକାରୀ କମିଶନର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଧିଷ୍ଠିତ ଥିଲେ । ଏବେ ମଦ ନିଗମର ଅଧ୍ୟକ୍ଷ ହୋଇ ସରକାରଙ୍କର ସମ୍ବଳ ବୃଦ୍ଧି କରିବାର ସଙ୍କଳ୍ପ ନେଇଛନ୍ତି । ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଏବଂ ଆନନ୍ଦର କଥା । ଅନ୍ୟପକ୍ଷରେ ବିଭାଗୀୟ ମନ୍ତ୍ରୀଙ୍କ ସହିତ ତାଙ୍କର ପଡୁନାହିଁ ବୋଲି ଖବର ପ୍ରକାଶ ପାଉଛି । ଉଚ୍ଚ ନ୍ୟାୟାଳୟ ପୁରୁଣା ମଦ ବେପାରୀମାନଙ୍କର ଆବେଦନକୁ ବିଚାରକୁ ନେଇ ସରକାରଙ୍କର ଆଚରଣର ଘୋର ସମାଲୋଚନା କରିଛନ୍ତି । ସଚିବଙ୍କୁ ତାଗିଦ୍ କରି ତାଙ୍କର ବେନିୟମ କାର୍ଯ୍ୟ ପାଇଁ କ୍ଷମା

## ଆମ ଘରର ହାଲ୍‌ଚାଲ୍

### ସୌମ୍ୟରଂଜନ ପଟ୍ଟନାୟକ

ଦେବା ପର୍ଯ୍ୟନ୍ତ କଥା ଯାଇଛି । ଏଣେ ଅଧ୍ୟକ୍ଷ, ଜିଲ୍ଲାପାଳ ଓ ଅବକାରୀ କମିଶନରଙ୍କର ଅବକାରୀ ଆଇନରେ ଯେଉଁ କ୍ଷମତା ଅଛି ତାକୁ ମଧ୍ୟ ନିଜ ହାତକୁ ନେବାପାଇଁ ଚାହୁଁଛନ୍ତି । ମେଧାବୀ ଛାତ୍ର ସ୍ୱାଭାବିକ ଭାବରେ ନିଜ ଅଭିଜ୍ଞତାରୁ ସମସ୍ତ କ୍ଷମତାକୁ ନିଜ ହାତକୁ ନେଇ ଦୁଇ ହାତରେ ଖାଇବାପାଇଁ ଚେଷ୍ଟା କରୁଛନ୍ତି । ମୋଟାମୋଟି ଭାବେ ଚାରୋଟି ପକ୍ଷଙ୍କୁ ନେଇ ମଦ ବେପାର ଚାଲେ । ସରକାର, ବିଦେଶୀ ମଦ ତିଆରି କରୁଥିବା କମ୍ପାନୀମାନେ, ରାଜ୍ୟରେ ଥୋକ୍ ମଦ ବେପାର କରିବାପାଇଁ ବଣ୍ଡ ଖୋଲିଥିବା ବ୍ୟବସାୟୀମାନେ ଏବଂ ୪୦୦ରୁ ଉର୍ଦ୍ଧ୍ୱ ଖୁଚୁରା ମଦ ଦୋକାନୀ । ସରକାର ନୀତି ନିର୍ଦ୍ଧାରଣ କରନ୍ତି ଏବଂ ଅବକାରୀ ଶୁଳ୍କ ଓ ବିକ୍ରିକର ବାବଦକୁ ଆଦାୟ ହେଉଥିବା ଅର୍ଥକୁ ନିଅନ୍ତି । କମ୍ପାନୀମାନେ ନିର୍ଦ୍ଦିଷ୍ଟ ମୂଲ୍ୟରେ ବଣ୍ଡ ମାଲିକମାନଙ୍କୁ ରାଜ୍ୟରେ ମଦକୁ ଯଥେଷ୍ଟ ପରିମାଣରେ ଗଚ୍ଛିତ ରଖିବାପାଇଁ ଯୋଗେଇଥାନ୍ତି । ବଣ୍ଡ ମାଲିକମାନେ ଅବକାରୀ ଶୁଳ୍କ, ବିକ୍ରିକର ଏବଂ କମ୍ପାନୀମାନଙ୍କର ମୂଲ୍ୟ ବାବଦକୁ ଆବଶ୍ୟକ ପଡୁଥିବା ଅର୍ଥକୁ ପୁଞ୍ଜି ଭାବରେ ଲଗାଣ କରି ନିଜର ଲାଭାଂଶ ରଖି ଖୁଚୁରା ବେପାରୀମାନଙ୍କୁ ମଦ ଯୋଗାଇଥାଆନ୍ତି । ଖୁଚୁରା ମଦ ବେପାରୀମାନେ ପୁଣି ନିଜର ଲାଭକୁ ମିଶାଇ ଗ୍ରାହକମାନଙ୍କୁ ମଦ ବିକ୍ରି କରନ୍ତି । ଏହା ବାହାରେ ଯାହାକିଛି କାରବାର ହୁଏ, ତାହାକୁ ଦି'ନମ୍ବରୀ ଚୋରା ମଦ କାରବାର ବୋଲି କୁହାଯାଏ । ବର୍ତ୍ତମାନ ବିଚାର କରିବାର କଥା, ମଦ ନିଗମ ଗଠନ ପରେ ଉପରୋକ୍ତ କାରବାରରେ କେତେ ସ୍ୱଚ୍ଛତା ବା ପାରଦର୍ଶିତା ଆସିଛି ? ସରକାର ଓ ଗ୍ରାହକମାନେ କେତେ ଅଧିକ ସମ୍ବଳ ଓ ସୁବିଧାର ଅଧିକାରୀ ହୋଇଛନ୍ତି ? ନିଗମର ଅଧ୍ୟକ୍ଷ ନିଜର କମ୍ପ୍ୟୁଟର ୱେବ୍ ସାଇଟ୍ ମାଧ୍ୟମରେ କେଉଁ କିସମର ମଦ କେତେ ଦାମ୍‌ରେ ବିକ୍ରି ହେଉଛି, ତା'ର ଏକ ଲମ୍ବା ଚିଠା ବିଜ୍ଞାପିତ କରିଛନ୍ତି । କିନ୍ତୁ ସେ କେତେ ଦାମ୍‌ରେ କମ୍ପାନୀମାନଙ୍କଠାରୁ କିଣିଛନ୍ତି ବା କେତେ ଲାଭ ରଖିଛନ୍ତି, ସେ ବିଷୟରେ କିଛି କହିନାହାନ୍ତି । ତେବେ କୁହାଯାଉଛି, ନିଗମ ଶତକଡ଼ା ୬ରୁ ୧୦ ଭାଗ ମାତ୍ର ଲାଭାଂଶ ରଖୁଛି । ଏହାକୁ ଯଦି ଗ୍ରହଣ କରିନିଆଯାଏ ତାହାହେଲେ ସେ କେତେ ଦାମ୍‌ରେ କିଣୁଛନ୍ତି ସହଜରେ ହିସାବ କରିହେବ । ଆମେ ଯେତେବେଳେ ଏ ପ୍ରକାର ହିସାବକୁ ନିଗମ ଗଠନ ହେବା ପୂର୍ବରୁ କମ୍ପାନୀମାନେ ବିକୁଥିବା ମୂଲ୍ୟ ସହିତ ତୁଳନା କରୁଛୁ, ମଦ ପେଟି ମୂଲ୍ୟରେ ଯଥେଷ୍ଟ ପାର୍ଥକ୍ୟ ଆସୁଛି । କୌଣସି କୌଣସି କିସମର ମଦରେ ଏ ପାର୍ଥକ୍ୟ ପେଟି ପିଛା ୫୦୦ ଟଙ୍କାରୁ ଅଧିକ ମଧ୍ୟ ହେଇଯାଉଛି । ପୁଣି ଅଧ୍ୟକ୍ଷ ମହୋଦୟ ବିୟର୍ ପେଟି ପିଛା ଯେଉଁ ମୂଲ୍ୟ ଧାର୍ଯ୍ୟ କରିଛନ୍ତି, ତାହା ମଧ୍ୟ ପୁରୁଣା ଦାମ୍‌ଠାରୁ ୨୫ ଟଙ୍କା ଅଧିକ । ଏହିପରି ନିଗମ ଗଠନ ପୂର୍ବ ଏବଂ ପରର ମୂଲ୍ୟକୁ ବିଚାରକଲେ କମ୍ପାନୀମାନଙ୍କଠାରୁ କିଣାଯାଉଥିବା ମଦର ମୂଲ୍ୟ ପେଟିପିଛା ହାରାହାରି ୩୦୦ ଟଙ୍କା ଅଧିକ ହୋଇଯାଇଛି ।

ପ୍ରାୟ ୭୦ ଜଣ ବଣ୍ଡ ମାଲିକଙ୍କୁ ବେକାର କରି ଗଠିତ ହୋଇଥିବା ମଦ ନିଗମ କାର୍ଯ୍ୟ କଲାପରେ ଆଶା କରାଯାଉଥିଲା ଯେ, କମ୍ପାନୀମାନଙ୍କ ସହିତ ନିଗମ ମୂଲଚାଲ କରିବାପାଇଁ ଅଧିକ ସୁଯୋଗ ପାଇବ । ଅଧ୍ୟକ୍ଷ ଗ୍ରାହକମାନଙ୍କୁ ମୂଲଚାଲ କରିବାପାଇଁ ପରାମର୍ଶ ଦେଉଛନ୍ତି । ଅନ୍ତତଃପକ୍ଷେ ନିଜେ କମ୍ପାନୀମାନଙ୍କଠାରୁ କିଣିଲା ବେଳକୁ ଅନୁରୂପ ମୂଲଚାଲ କରୁଥିବେ ବୋଲି ଆଶା କରିବା କ'ଣ ଅସ୍ୱାଭାବିକ ? କିନ୍ତୁ ବାସ୍ତବ କ୍ଷେତ୍ରରେ ଏହାର ଓଲଟା ଫଳ ହେଇଛି । ସରକାର ଚକ୍ ଏବଂ ସ୍ଲେଟ୍ କିଣିବାପାଇଁ ମଧ୍ୟ ଟେଣ୍ଡର କରୁଛନ୍ତି । ସ୍ଲେଟ୍ କିଣା ଦୁର୍ନୀତିରେ ତ ଜଣେ ବରିଷ୍ଠ ଆଇ.ଏ.ଏସ୍. ଅଫିସର ଅଭିଯୁକ୍ତ ହୋଇଛନ୍ତି । କିନ୍ତୁ ମଦ ନିଗମ ବିନା ଟେଣ୍ଡରରେ ଏବଂ ବିନା ମୂଲଚାଲରେ ସର୍ବନିମ୍ନ ମୂଲ୍ୟକୁ ବେଖାତିର୍ କରି ସର୍ବାଧିକ ମୂଲ୍ୟ ଦେବାପାଇଁ ଆଗେଇ ଯାଇଛନ୍ତି କାହା ସ୍ୱାର୍ଥରେ ? ଏହା କେଉଁ ପାରଦର୍ଶିତାର ପରିଚୟ ଦେଉଛି ? ଗତ ତିନିବର୍ଷର ମଦ ବିକ୍ରିର ପରିମାଣକୁ ଦେଖିଲେ ଏ ବର୍ଷ ପ୍ରାୟ ୯ ଲକ୍ଷ ପେଟି ମଦ ବିକ୍ରି ହେବ ବୋଲି ଅନୁମାନ କରାଯାଉଛି । ପୁଣି ୨୦ ଲକ୍ଷ ପେଟି ବିୟର୍ ବିକ୍ରି ହେବାର ଆକଳନ କରାଯାଇଛି । ଏଭଳି ହିସାବ କଲେ ଚଳିତ ବର୍ଷ ହାରରେ ଯଦି ମଦ ପିଉଥିବା ଲୋକମାନେ ମଦ ପିଅନ୍ତି ଏବଂ ଅଧ୍ୟକ୍ଷ ତାଙ୍କ ୱେବ୍ ସାଇଟ୍‌ରେ ନିର୍ଦ୍ଧାରିତ କରିଥିବା ମୂଲ୍ୟରେ ମଦ ବିକନ୍ତି ତାହାହେଲେ ବର୍ଷକୁ ପ୍ରାୟ ଅଧିକ ୩୦ କୋଟି ଟଙ୍କା କମ୍ପାନୀମାନଙ୍କୁ ଦେବାକୁ ପଡ଼ିବ । ହଠାତ୍ ଗୋଟିଏ ମାସର ବ୍ୟବଧାନରେ ସମପରିମାଣର ମଦର ମୂଲ୍ୟ ୩୦ କୋଟି ଟଙ୍କା ବୃଦ୍ଧି ପାଇଲା କିପରି ? କମ୍ପାନୀମାନେ ଏଇ ୩୦ କୋଟି ଅଧିକ ଟଙ୍କାରୁ କେତେ ଭାଗ ମୁଖ୍ୟମନ୍ତ୍ରୀଙ୍କୁ, ବିଭାଗୀୟ ମନ୍ତ୍ରୀଙ୍କୁ ଏବଂ ଅଧ୍ୟକ୍ଷଙ୍କୁ ଦେବାପାଇଁ ଚୁକ୍ତି କରିଛନ୍ତି ତାହା କ'ଣ ଅନୁସନ୍ଧାନ୍‌ସାପେକ୍ଷ ନୁହେଁ ?

ନବୀନବାବୁ ନିଜେ ହିସାବ କରି ଦେଖନ୍ତୁ, ଯଦି ଆମ ତଥ୍ୟରେ କିଛି ଭୁଲ୍ ଅଛି । ଆମ ତଥ୍ୟ ଯଦି ଭୁଲ୍ ହୋଇଥାଏ, ଏବଂ ତାହା ନବୀନବାବୁଙ୍କର ମେଧାବୀ ପାରିବାର ନିଗମ ଅଧ୍ୟକ୍ଷ ପ୍ରମାଣିତ କରିଦେବେ, ତାହାହେଲେ ଆସନ୍ତା କାଲି ଆମେ ନିସର୍ତ୍ତ କ୍ଷମା ମାଗିବୁ । କିନ୍ତୁ ଆମ ତଥ୍ୟ ଯଦି ସତ୍ୟ ହୋଇଥାଏ, ତାହାହେଲେ ନବୀନବାବୁ କ'ଣ କରିବା ଉଚିତ ? ଦୟାକରି ଆମ ପାଠକଙ୍କୁ ଜଣାଇବାପାଇଁ ଆମେ ଅନୁରୋଧ କରୁଛୁ ।